ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଏବଂ ସଭ୍ୟ/ସଭ୍ୟା ଚୟନ ନିମନ୍ତେ ଯୋଗ୍ୟତା ମାନଦଣ୍ଡ

ଦରଖାସ୍ତକାରୀଙ୍କ ଯୋଗ୍ୟତା, କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ ଅନ୍ତର୍ଗତ ଧାରା ୨୭ର ଉପଧାରା ୪ ଏବଂ କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଓଡିଶା ନିୟମାବଳୀ ୨୦୦୨ ଏବଂ ଏହାର ସଂଶୋଧନ ୨୦୦୯ ଏବଂ ୨୦୧୩ ଅନ୍ତର୍ଗତ ନିୟମ ୨୪ ର ଉପନିୟମ ୪(ଚ)୨(ଗ) ରେ ପ୍ରଦତ୍ତ ନିର୍ଦ୍ଧାରଣ ଅନୁରୂପ ହେବ ।

କମିଟିର ଅଧ୍ୟକ୍ଷ ଏବଂ ସଭ୍ୟ/ସଭ୍ୟା ରୂପେ ନିଯୁକ୍ତି ହେବାକୁ ଥିବା ପ୍ରାର୍ଥୀଙ୍କ ବୟସ ୧ ଅଗଷ୍ଟ, ୨୦୧୬ ସୁଦ୍ଧା ୩୫ ବର୍ଷ ହୋଇଥିବା ଆବଶ୍ୟକ ।

<u>ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଏବଂ ସଭ୍ୟ/ସଭ୍ୟାଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା</u>

କମିଟିର ସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ଅନ୍ତତଃ ଜଣେ ମହିଳା ଏବଂ ଅନ୍ୟ ଜଣେ ଶିଶୁମାନଙ୍କ ସମ୍ପର୍କିତ ବିଷୟ ଉପରେ ପ୍ରବୀଣ ବ୍ୟକ୍ତି ରହିବେ । ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଏବଂ ସଭ୍ୟ/ସଭ୍ୟା ରୂପେ ନିଯୁକ୍ତି ନିମନ୍ତେ ଜଣେ ବ୍ୟକ୍ତି ଅତି କମ୍‌ରେ ୭ ବର୍ଷ, ଶିଶୁମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ଆବଶ୍ୟକ କିମ୍ବା ଶିଶୁ ମନସ୍ତତ୍ତ୍ୱ କିମ୍ବା ମାନସିକ ରୋଗ କିମ୍ବା ଆଇନ୍ କିମ୍ବା ସାମାଜିକ କାର୍ଯ୍ୟ କିମ୍ବା ସମାଜତତ୍ତ୍ୱ କିମ୍ବା ମାନବ ବିକାଶରେ ସ୍ନାତକ ସହ ଅଭ୍ୟାସରତ ପେସାଦାର ବ୍ୟକ୍ତି ହୋଇଥିବେ ।

କମିଟିର ଅଧ୍ୟକ୍ଷ ଏବଂ ସଭ୍ୟ/ସଭ୍ୟା ରୂପେ ଚୟନ ନିମନ୍ତେ ଦରଖାସ୍ତକାରୀଙ୍କର ସେମାନଙ୍କ ସଂପୃକ୍ତ କ୍ଷେତ୍ରରେ ସର୍ବନିମ୍ନ ୭ ବର୍ଷର ଅଭିଜ୍ଞତା ସହ ନିମ୍ନ ପ୍ରଦତ୍ତ ଶିକ୍ଷାଗତ ଯୋଗ୍ୟତା ଥିବ ।

୧) କ) ସାମାଜିକ କାର୍ଯ୍ୟ/ ମନସ୍ତତ୍ତ୍ୱ/ଶିଶୁ ବିକାଶ/ଶିକ୍ଷା/ସମାଜତତ୍ତ୍ୱ/ଆଇନ୍/ଅପରାଧତତ୍ତ୍ୱରେ ସ୍ନାତକୋତ୍ତର ।

ଖ) ଉପରୋକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ ଉପଲବ୍ଧ ନ ହେଲେ, ଯେକୌଣସି ସମାଜବିଜ୍ଞାନରେ ଅନ୍ତତଃ ସ୍ନାତକ ।

୨) ଶିଶୁମାନଙ୍କ ସମ୍ପର୍କିତ କାର୍ଯ୍ୟରେ ସଂପୃକ୍ତ ଜଣେ ଡାକ୍ତର, ଶିକ୍ଷକ କିମ୍ବା ସାମାଜିକ କର୍ମୀ ।

ଅଯୋଗ୍ୟ ସର୍ତ୍ତାବଳୀ

୧) ଶିଶୁ ମଙ୍ଗଳ କମିଟିର ସଭ୍ୟ/ସଭ୍ୟା ରୂପେ କୌଣସି ବ୍ୟକ୍ତି ୩ ବର୍ଷରୁ ଅଧିକ ଅବଧି ନିଯୁକ୍ତ ରହିବେ ନାହିଁ ।

୨) କମିଟିର ଅଧ୍ୟକ୍ଷ ଏବଂ ସଭ୍ୟ/ସଭ୍ୟା ପାଇଁ କୌଣସି ବ୍ୟକ୍ତିଙ୍କୁ ଚୟନ କରାଯାଇପାରିବ ନାହିଁ, ଯଦି ସେ-

କ) ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।

ଖ) କୌଣସି ଅନୈତିକ କାର୍ଯ୍ୟ କିମ୍ବା ଶିଶୁ ଅପ-ବ୍ୟବହାର ସମ୍ପର୍କିତ କାର୍ଯ୍ୟ କିମ୍ବା ଶିଶୁ ଶ୍ରମିକ ନିୟୋଜନ କରିଛନ୍ତି ।

ଗ) ସେହିପରି ଅନ୍ୟ କୌଣସି ବୃତ୍ତିରେ ନିଯୁକ୍ତି ଅଛନ୍ତି, ଯାହା ସେହି ବ୍ୟକ୍ତିଙ୍କୁ କମିଟିର କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ସମୟ କିମ୍ବା ଧ୍ୟାନ ଦେବାରେ ବାଧକ ହେଉଥିବ ।

ଘ) ଅଧିନିୟମ ଏବଂ ନିୟମାବଳୀରେ ନିର୍ଦ୍ଧାରିତ ଯୋଗ୍ୟତା ଏବଂ ଅଭିଜ୍ଞତା ନଥିବ ।

ଚୟନ ପ୍ରକ୍ରିୟା

୧) ସଂପୃକ୍ତ ଜିଲ୍ଲାର ଶିଶୁ ସୁରକ୍ଷା ୟୁନିଟ୍ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକ; ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ଅଧିକୃତ ଯେକୌଣସି ବରିଷ୍ଠ ଅଧିକାରୀ, ଯେପରିକି ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍/ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଯାଂଚ କମିଟି ଦ୍ୱାରା, ଦରଖାସ୍ତକାରୀ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ୭ ସେପ୍ଟେମ୍ବର, ୨୦୧୬ ପୂର୍ବାହ୍ନ ୧୧ଟା ସମୟରେ ଖୋଲାଯିବ । ଉକ୍ତ କମିଟିର ସଭ୍ୟ/ସଭ୍ୟା ଜିଲ୍ଲାପାଳଙ୍କ ଦ୍ୱାରା ନାମାଙ୍କିତ ହୋଇପାରନ୍ତି ।

ଯଦି କୌଣସି ଦରଖାସ୍ତକାରୀ କିମ୍ବା ତାଙ୍କଦ୍ୱାରା ଅଧିକୃତ ପ୍ରତିନିଧି ଯାଂଚ ସମୟରେ ଅନୁପସ୍ଥିତ ରହିବେ, ତେବେ ଦରଖାସ୍ତକାରୀଙ୍କ କିମ୍ବା ପ୍ରତିନିଧି ଙ୍କ ଅନୁପସ୍ଥିତିରେ ଏହା ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାର୍ଯ୍ୟ ସୂଚୀ ଅନୁଯାୟୀ ଖୋଲାଯିବ ।

୨) ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକ ଗୋଟିକ ପରେ ଗୋଟିଏ ତନଖି ନିମନ୍ତେ ନିଆଯିବ ।

୩) ବିଳମ୍ବରେ ଗ୍ରହଣ କରାଯାଇଥିବା କିମ୍ବା ଅସଂପୂର୍ଣ୍ଣ ଥିବା ଦରଖାସ୍ତଗୁଡିକୁ ସରାସରି ଖାରଜ କରାଯିବ ।

୪) ଯୋଗ୍ୟତାର ସର୍ତ୍ତାବଳୀ ଅନୁଯାୟୀ ସମସ୍ତ ଦସ୍ତାବିଜର ପ୍ରାରମ୍ଭିକ ତନଖି କରାଯିବ ଏବଂ ତତ୍‌ପରେ ଉପସ୍ଥିତଥିବା ଦରଖାସ୍ତକାରୀ କିମ୍ବା ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ଦାଖଲ କରାଯାଇଥିବା ମୂଳ ଦସ୍ତାବିଜଗୁଡିକର ସତ୍ୟାପନ କରାଯିବ ।

ଯଦି ଦରଖାସ୍ତକାରୀ କିମ୍ବା ଅଧିକୃତ ପ୍ରତିନିଧିଙ୍କ ଅନୁପସ୍ଥିତି ଯୋଗୁଁ ଜିଲ୍ଲାସ୍ତରୀୟ ଯାଂଚକମିଟି ମୂଳ ଦସ୍ତାବିଜଗୁଡିକୁ ସତ୍ୟାପନ କରିପାରିବେନାହିଁ ତେବେ ଉକ୍ତ ଦରଖାସ୍ତଟିକୁ ପୃଷ୍ଠାଙ୍କନ ସହ ରାଜ୍ୟସ୍ତରୀୟ ଚୟନ କମିଟିକୁ ପଠାଇଦେବେ ।

ତନଖି ପ୍ରକ୍ରିୟା ଶେଷ ହେବା ପରେ ଦରଖାସ୍ତଗୁଡିକୁ ଯଥାବିଧି ଯୋଗ୍ୟ କିମ୍ବା ଅଯୋଗ୍ୟ ଭାବେ ଶ୍ରେଣୀଭୁକ୍ତ କରି ଜିଲ୍ଲାସ୍ତରୀୟ ଯାଂଚକମିଟିର କାର୍ଯ୍ୟବିଧି ସହ କାର୍ଯ୍ୟକ୍ରମ ପ୍ରବନ୍ଧକ (ଶିଶୁ ସୁରକ୍ଷା), ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିଙ୍କ ନିକଟକୁ ପ୍ରେରଣ କରାଯିବ । ଆବଶ୍ୟକସ୍ଥଳେ ବ୍ୟକ୍ତିଗତ ସାକ୍ଷାତକାର ସହିତ ପ୍ରତ୍ୟେକଟି ଦରଖାସ୍ତର ସତ୍ୟାପନ ପୂର୍ବକ ରାଜ୍ୟସ୍ତରୀୟ ଚୟନ କମିଟି, ଉପଯୁକ୍ତ ଦରଖାସ୍ତକାରୀ ଚୟନ କରିବେ ଏବଂ ସେମାନଙ୍କୁ କମିଟିର ସଭ୍ୟ/ସଭ୍ୟା ରୂପେ ନିଯୁକ୍ତି ନିମନ୍ତେ ସରକାରଙ୍କୁ ସୁପାରିଶ କରିବେ । କମିଟିର କାର୍ଯ୍ୟକାଳ ଅବଧିରେ ପରବର୍ତ୍ତୀକାଳରେ ଯେକୌଣସି ସମୟରେ ଯଦି କୌଣସି ପଦ ଖାଲି ପଡେ, ସରକାରଙ୍କ ଦ୍ୱାରା ତାହା ପୂରଣ କରିବା ନମନ୍ତେ ସଭ୍ୟ/ସଭ୍ୟାମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ ।

ସମୟ ସାରଣୀ

କ୍ରମିକ ସଂଖ୍ୟା	ତାରିଖ	ଘଟଣାବଳୀ
୧	୨୦.୦୮.୨୦୧୬	ଦୈନିକ ସମ୍ବାଦପତ୍ରରେ ବିଜ୍ଞାପନ/ୱେବ୍‌ହୋଷ୍ଟିଂ
୨	୦୩.୦୯.୨୦୧୬	ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କଠାରେ ଦରଖାସ୍ତ ଦାଖଲର ଅନ୍ତିମ ତାରିଖ
୩	୦୭.୦୯.୨୦୧୬	ଜିଲ୍ଲାସ୍ତରୀୟ ଯାଂଚକମିଟିଦ୍ୱାରା ଦରଖାସ୍ତଗୁଡିକର ତନଖି ଏବଂ ମୂଳ ଦସ୍ତାବିଜଗୁଡିକର ସତ୍ୟାପନ
୪	୦୮.୦୯.୨୦୧୬	ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିକୁ ଦରଖାସ୍ତ ପ୍ରେରଣ

ସାଧାରଣ

୧) ନିର୍ଦ୍ଧାରିତ ତାରିଖ ପରେ ଗ୍ରହଣ କରାଯାଇଥିବା ଏବଂ/କିମ୍ବା ଅସଂପୂର୍ଣ୍ଣ ଦରଖାସ୍ତଗୁଡିକୁ ସରାସରି ଖାରଜ କରାଯିବ ।

୨) ଯଦି କୌଣସି ଆବେଦନକାରୀ ଦସ୍ତାବିଜ/ନଥି ଇତ୍ୟାଦିର ଯେକୌଣସି ପ୍ରକାରେ ଭ୍ରମାତ୍ମକ ପ୍ରତିବେଦନ କିମ୍ବା କୂଟକୌଶଳ ପ୍ରୟୋଗ କରନ୍ତି, ତେବେ ସେ ଅଭିଯୋଜନ ପାଇଁ ଦାୟୀ ରହିବେ ।

୩) ଦରଖାସ୍ତକାରୀ ନିର୍ଦ୍ଧାରିତ ତାରିଖରେ ନିଜେ କିମ୍ବା ଅଧିକୃତ ପ୍ରତିନିଧିଙ୍କ ଦ୍ୱାରା ତନଖି ସମୟରେ ଉପସ୍ଥିତ ରହିବା ବେଳେ ଦରଖାସ୍ତସହ ସଂଲଗ୍ନ କରାଯାଇଥିବା ସ୍ୱ-ଅନୁପ୍ରମାଣିତ ନକଲ ଗୁଡିକର ମୂଳ ଦସ୍ତାବିଜ ଦାଖଲ କରିବାକୁ ପଡିବ; ଅନ୍ୟଥା ତାହାଙ୍କ ଦରଖାସ୍ତଟିକୁ ନାକଚ କରାଯାଇପାରେ ।

ଦରଖାସ୍ତକାରୀଙ୍କ ସଭ୍ୟ/ସଭ୍ୟା ରୂପେ ଚୟନ ସଂପର୍କିତ ଏବଂ ଆନୁଷାଙ୍ଗିକ ସମସ୍ତ ମାମଲାରେ ରାଜ୍ୟସ୍ତରୀୟ ଚୟନ କମିଟିଙ୍କ ନିଷ୍ପତ୍ତି ଚୂଡାନ୍ତ ବିବେଚିତ ହେବ ।

ସ୍ୱା/-

ଅତିରିକ୍ତ ନିର୍ଦ୍ଦେଶକ

ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି